# ମାନବାଧିକାର ସୁରକ୍ଷା ଆଇନ୍, ୧୯୯୩

ଦେଶ ଭିତରେ ପୁରୁଷ ଓ ମହିଳା ନିର୍ବିଶେଷରେ ସମସ୍ତ ନାଗରିକମାନଙ୍କର ମାନବାଧିକାରର ସୁରକ୍ଷା ଉଦ୍ଦେଶ୍ୟରେ ଏହି ଆଇନ୍ ସଂସଦରେ ଗୃହୀତ ହୋଇ ୮ ଜାନୁଆରି ୧୯୯୪ ଠାରୁ ବଳବତ୍ତର ହୋଇଥିଲା। ଏହାପରେ ୨୦୦୬ ମସିହାରେ ଏହି ଆଇନ୍ ଥରେ ସଂଶୋଧନ ହୋଇଛି। ଏଥିରେ 'ମାନବାଧିକାର'ର ଏକ ସଂଜ୍ଞା ଦିଆଯାଇ କୁହାଯାଇଛି ଯେ, ଜୀବନ, ସ୍ୱାଧୀନତା, ସମାନତା ଓ ମର୍ଯ୍ୟାଦା ପାଇଁ ବ୍ୟକ୍ତିର ଅଧିକାରସମୂହ, ଯେଉଁଗୁଡ଼ିକ କି ସମ୍ବିଧାନରେ ଏବଂ ବିଭିନ୍ନ ଆନ୍ତର୍ଜାତିକ ଘୋଷଣାନାମାରେ ଗୃହୀତ ହୋଇଛି ଏବଂ ଯେଉଁଗୁଡ଼ିକୁ ବଳବତ୍ତର କରିବା ପାଇଁ ଭାରତର ନ୍ୟାୟାଳୟଗୁଡ଼ିକ ଅଙ୍ଗୀକାରବଦ୍ଧ।

**ଜାତୀୟ ମାନବାଧିକାର କମିଶନ୍‌ଙ୍କ ଗଠନ**

ସୁପ୍ରିମ୍ କୋର୍ଟର ମୁଖ୍ୟ ବିଚାରପତି ପଦବୀ ତୁଲାଇ ସାରିଥିବା ଜଣେ ନ୍ୟାୟମୂର୍ତ୍ତୀଙ୍କ ଅଧ୍ୟକ୍ଷତାରେ କମିଶନ୍ ଗଠିତ ହେବ, ଯେଉଁଥିରେ ସୁପ୍ରିମ୍ କୋର୍ଟର ବଚାରପତି ପଦବୀ ତୁଲାଇଥିବା ଜଣେ ବ୍ୟକ୍ତି, ଗୋଟିଏ ହାଇକୋର୍ଟର ମୁଖ୍ୟ ବିଚାରପତି ପଦବୀ ତୁଲାଇଥିବା ଜଣେ ବ୍ୟକ୍ତି, ଏବଂ ମାନବାଧିକାର ସମ୍ବନ୍ଧରେ ବାସ୍ତବ ଅଭିଜ୍ଞତା ଥିବା ଦୁଇଜଣ ବ୍ୟକ୍ତି ସଭ୍ୟ ରହିବେ। ଏହାଛଡା ସଂଖ୍ୟାଲଘୁ ସଂପ୍ରଦାୟସମୂହ ପାଇଁ ଜାତୀୟ କମିଶନ୍‌ର ଅଧ୍ୟକ୍ଷ, ଅନୁସୂଚୀତ ଜାତି ପାଇଁ ଜାତୀୟ କମିଶନ୍‌ର ଅଧ୍ୟକ୍ଷ, ଅନୁସୂଚୀତ ଜନଜାତି ପାଇଁ ଜାତୀୟ କମିଶନ୍‌ର ଅଧ୍ୟକ୍ଷ ତଥା ଜାତୀୟ ମହିଳା କମିଶନ୍‌ର ଅଧ୍ୟକ୍ଷା ଏହି କମିଶନ୍‌ର ପଦପ୍ରଯୁକ୍ତ ସଭ୍ୟ ରହିବେ। ଏହାଛଡା କମିଶନ୍‌ର ଜଣେ ମହା-ସଚୀବ ରହିବେ, ଯେ କି କେବଳ ବିଚାର-ବିଭାଗୀୟ କ୍ଷମତାକୁ ଛାଡିଦେଲେ ଅନ୍ୟସବୁ ବ୍ୟାପାରରେ କମିଶନ୍‌ର  ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୂପେ କାର୍ଯ୍ୟ କରିବେ। ଏକ ୬ଜଣିଆ ଉଚ୍ଚସ୍ତରୀୟ ଚୟନ କମିଟି ଦ୍ୱାରା କମିଶନ୍‌ଙ୍କ ଅଧ୍ୟକ୍ଷ ଓ ସଭ୍ୟବୃନ୍ଦ ମନୋନୀତ ହେବେ; ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଚୟନ କମିଟିରେ ଲୋକସଭାର ବାଚସ୍ପତି, କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ମନ୍ତ୍ରୀ, ଲୋକସଭାର ବିରୋଧିଦଳ ନେତା, ରାଜ୍ୟସଭାର ବିରୋଧି ଦଳ ନେତା, ତଥା ରାଜ୍ୟସଭାର ଉପାଧ୍ୟକ୍ଷ ସଦସ୍ୟ ରହିବେ। ଜାତୀୟ କମିଶନ୍‌ଙ୍କ ମୁଖ୍ୟ କାର୍ଯ୍ୟାଳୟ ରାଜଧାନୀ ଦିଲ୍ଲୀରେ ଅବସ୍ଥିତ ହେବ।

**କମଶନ୍‌ଙ୍କ କାର୍ଯ୍ୟାବଳୀ-**

- ସ୍ୱୟଂଚାଳିତ ହୋଇ ଅଥବା କୌଣସି ବ୍ୟକ୍ତିଙ୍କ ପ୍ରତିବେଦନ ଆଧାରରେ ଯେ କୌଣସି ପ୍ରକାରର ମାନବାଧିକାର ଉଲ୍ଲଂଘନ ମାମଲାକୁ ଅନୁସନ୍ଧାନ କରିବା ;
- ଯେ କୌଣସି ନ୍ୟାୟାଳୟରେ ଚାଲୁଥିବା ମାନବାଧିକାର ସଂପର୍କୀତ ଏକ ମୋକଦ୍ଦମାରେ ସେହି ନ୍ୟାୟାଳୟର ସମ୍ମତି କ୍ରମେ ପକ୍ଷଭୁକ୍ତ ହେବା ;
- ଯେ କୌଣସି ରାଜ୍ୟରେ ଥିବା ଜେଲ୍ କିମ୍ବା ତଦ୍ରୁପ ସ୍ୱତନ୍ତ୍ର ଗୃହକୁ ପରିଦର୍ଶନ କରି ଅନ୍ତେବାସୀମାନଙ୍କର ଜୀବନ-ଧାରଣ ଅବସ୍ଥା ଏବଂ ସମସ୍ୟାର ଅନୁଧ୍ୟାନ କରିବା ;
- ସମ୍ବିଧାନ ଏବଂ ଅନ୍ୟ କୌଣସି ଆଇନ୍‌ରେ ମାନବାଧିକାରସମୂହର ସୁରକ୍ଷା ପାଇଁ ଥିବା ବ୍ୟବସ୍ଥାସମୂହର ସମୀକ୍ଷା କରି ଆବଶ୍ୟକୀୟ ସଂସ୍କାର ଓ ସଂଶୋଧନ ପାଇଁ ସୁପାରିଶ୍ କରିବା ;
- ମାନବାଧିକାରସମୂହକୁ ପ୍ରତିହତ କରୁଥିବା ସନ୍ତ୍ରାସବାଦ ଭଳି ବିପଦକୁ ମୁକାବିଲା କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପମାନ ନେବା ପାଇଁ ସୁପାରିଶ୍ କରିବା ;
- ମାନବାଧିକାର ସମ୍ବନ୍ଧରେ ଆନ୍ତର୍ଜାତିକ ଚୁକ୍ତିନାମାଗୁଡ଼ିକର ଉପଯୁକ୍ତ କାର୍ଯ୍ୟକାରିତା ପାଇଁ ସୁପାରିଶ୍ କରିବା ;
- ମାନବାଧିକାର ସଂବନ୍ଧରେ ଗବେଷଣା, ସ୍ୱେଚ୍ଛାସେବୀ କାର୍ଯ୍ୟକଳାପ ତଥା ଜନସଚେତନତା ପ୍ରସାରଣକୁ ପ୍ରୋତ୍ସାହନ ଦେବା ; ଏବଂ
- କମିଶନ୍ ବାର୍ଷିକ ବିବରଣୀ ସହିତ କୌଣସି ବିଶେଷ ବ୍ୟାପାରରେ କେନ୍ଦ୍ର ସରକାର ଏବଂ ସଂପୃକ୍ତ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବେ ଏବଂ ସେମାନେ ଏହାକୁ ଯଥାସ୍ଥିତି ସଂସଦ ଓ ରାଜ୍ୟ ଆଇନ୍ ସଭାରେ ଉପସ୍ଥାପନ କରିବେ।

## ମାନବାଧିକାର କମିଶନ୍‌ଙ୍କ ତଦନ୍ତ ଓ ଅନୁସନ୍ଧାନ କ୍ଷମତା-

ଦେଓ୍ୱାନି କାର୍ଯ୍ୟବିଧି ସଂହିତା, ୧୯୦୮ ଅଧୀନରେ ଗୋଟିଏ ଦେଓ୍ୱାନି କୋର୍ଟର ଯେଉଁସବୁ କ୍ଷମତା ଥାଏ, ସେଗୁଡିକୁ ଜାତୀୟ ମାନବାଧିକାର କମିଶନ୍ ପ୍ରୟୋଗ କରିପାରିବେ। କମିଶନ୍ ଯେକୌଣସି ବ୍ୟକ୍ତିଙ୍କୁ ଏକ ତଦନ୍ତାଧୀନ ବିଷୟ ସଂକ୍ରାନ୍ତରେ ସୂଚନା ଦେବାପାଇଁ ତଲବ କରିପାରନ୍ତି ଏବଂ ଯଦି ସେହି ବ୍ୟକ୍ତି ଭୁଲ୍ ସୂଚନା ଦିଅନ୍ତି, ତେବେ ଭାରତୀୟ ଦଣ୍ଡବିଧି ସଂହିତାର ଦ'। ୧୭୬ ଓ ୧୭୭ ଅନୁଯାୟୀ ତାଙ୍କ ବିରୁଦ୍ଧରେ ଦଣ୍ଡବିଧାନ କରାଯାଇପାରିବ। କମିଶନ୍ ଯେ କୌଣସି ସ୍ଥାନରେ ପ୍ରବେଶ କରି ଯେ କୌଣସି ଦଲିଲ୍ ସଂଗ୍ରହ କରିପାରନ୍ତି। ଯଦି କୌଣସି ବ୍ୟକ୍ତି କମିଶନ୍‌ଙ୍କୁ ତଦନ୍ତ କାର୍ଯ୍ୟରେ ସହାୟତା ନକରନ୍ତି, ତେବେ କମିଶନ୍ ସଂପୃକ୍ତ ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ଏହା ଜଣାଇଦେବେ ଏବଂ ମାଜିଷ୍ଟ୍ରେଟ୍ ଏ ବିଷୟ ବଚାର କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଜାତୀୟ କମିସନ୍ ଚାହିଁଲେ ଗୋଟିଏ ଅଭିଯୋଗକୁ ସଂପୃକ୍ତ ରାଜ୍ୟ କମିଶନ୍‌ଙ୍କ ଦ୍ୱାରା ଶୁଣାଣି ଓ 'ଇସଲା ପାଇଁ ପଠାଇ ପାରନ୍ତି। କମିଶନ୍ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଯେ କୌଣସି ଅଧିକାରୀଙ୍କ ସେବା ଉପଯୋଗ କରିପାରନ୍ତି ଏବଂ ସେମାନଙ୍କ ମାଧ୍ୟମରେ ଏକ ଅଭିଯୋଗର ତଦନ୍ତ କରାଇପାରନ୍ତି। ଯେ କୌଣସି ବିଷୟରେ ତଦନ୍ତ କଲାବେଳେ କମିଶନ୍ କେନ୍ଦ୍ର ସରକାର ବା ଯେ କୌଣସି ରାଜ୍ୟ ସରକାରଙ୍କ ଠାରୁ ବିଶଦ୍ ବିବରଣୀ ତଲବ କରିପାରନ୍ତି।

## ମାନବାଧିକାର କମିଶନ୍‌ଙ୍କ ଅନ୍ୟାନ୍ୟ କ୍ଷମତା-

କୌଣସି ସରକାରୀ କର୍ମଚାରୀଙ୍କ ଦ୍ୱାରା ମାନବାଧିକାର ଉଲ୍ଲଂଘନ ଘଟିଥିଲେ, ତେବେ ସଂପୃକ୍ତ ସରକାର ବା କର୍ତ୍ତୃପକ୍ଷଙ୍କୁ କ୍ଷତିପୂରଣ ଦେବାପାଇଁ କମିଶନ୍ ନିର୍ଦ୍ଦେଶ ଦେଇପାନ୍ତି। ଏପ୍ରକାର ସ୍ଥିତିରେ କମିଶନ୍ ସ୍ୱୟଂ ଏକ କାର୍ଯ୍ୟବିଧି ଆରମ୍ଭ କରିପାରନ୍ତି। ସଂପୃକ୍ତ ହାଇକୋର୍ଟଙ୍କୁ ଉପଯୁକ୍ତ ନିର୍ଦ୍ଦେଶ ଦେବା ପାଇଁ କହିପାରନ୍ତି। କମିଶନ୍ ନିଜ ଆଦେଶର ନକଲକୁ ସଂପୃକ୍ତ ରାଜ୍ୟ ସରକାର, କର୍ତ୍ତୃପକ୍ଷ ଏବଂ ପ୍ରତିବେଦକଙ୍କୁ ଯୋଗାଇଦେବେ। ଯଦି ସାମରିକ ବାହିନୀ ଦ୍ୱାରା କୌଣସି ଉଲ୍ଲଂଘନ ଘଟିଛି ବୋଲି ଅଭିଯୋଗ ପହଞ୍ଚେ, ତେବେ କମିଶନ୍ କେନ୍ଦ୍ର ସରକାରଙ୍କ ଠାରୁ ଏ ବିଷୟରେ ରିପୋର୍ଟ ତଲବ କରିବେ। କେନ୍ଦ୍ର ସରକାରଙ୍କ ଠାରୁ ରିପୋର୍ଟ ପାଇଲା ପରେ କମିଶନ୍ ହୁଏତ୍ ସଂପୃକ୍ତ କାର୍ଯ୍ୟବିଧିକୁ ସେଇଠି ବନ୍ଦ କରିଦେଇପାରନ୍ତି, ନଚେତ୍ ଏବିଷୟରେ ନିଜର ସୁପାରିଶ୍‌କୁ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇ ପାରନ୍ତି। ସରକାର କି ପଦକ୍ଷେପ ନେଇଛନ୍ତି ତାହା କମିଶନ୍‌ଙ୍କୁ ୩ ମାସ ଭିତରେ ଜଣାଇବେ। କମିଶନ୍ ସଂପୃକ୍ତ ବିଷୟରେ ନିଜର ସୁପାରିଶ୍ ତଥା କେନ୍ଦ୍ର ସରକାରଙ୍କ ଦ୍ୱାରା ଗୃହୀତ କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ ବିବରଣୀ ସର୍ବସାଧାରଣରେ ପ୍ରକାଶ କରିବେ। ଆଇନ୍‌ର ଅନ୍ୟାନ୍ୟ ବ୍ୟବସ୍ଥା

ଏହି ଆଇନ୍ ଅନୁଯାୟୀ ମାନବାଧିକାର ଉଲ୍ଲଂଘନ ମାମଲାଗୁଡିକର ବିଚାର ପାଇଁ ପ୍ରତି ରାଜ୍ୟ ସରକାର ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସହ ପରାମର୍ଶ କରି ସ୍ୱତନ୍ତ୍ର ମାନବାଧିକାର କୋର୍ଟ ପ୍ରତିଷ୍ଠା କରିପାରନ୍ତି ଏବଂ ସରକାରଙ୍କ ତରଫରୁ କେଶ୍‌ଗୁଡିକ ଲଢିବା ପାଇଁ ସରକାରୀ ଅଭିଯୋଜକ ନିଯୁକ୍ତ କରିପାରନ୍ତି। ଏହି ଆଇନ୍ ଅନୁଯାୟୀ ପ୍ରତି ରାଜ୍ୟରେ ରାଜ୍ୟ ମାନବାଧିକାର କମିଶନ୍ ପ୍ରତିଷ୍ଠା ହେବ। ରାଜ୍ୟ କମିଶନ୍‌ଙ୍କ ନିକଟରେ ଏକ ମାମଲା ବିଚାରାଧୀନ ଥିଲାବେଳେ ଜାତୀୟ କମିଶନ୍ ଏହାକୁ ବିଚାର କରିବେ ନାହିଁ । ଘଟଣା ଘଟିବାର ଗୋଟିଏ ବର୍ଷ ପରେ ଜାତୀୟ କିମ୍ବା ରାଜ୍ୟ କମିଶନ୍ ସେହି ସଂକ୍ରାନ୍ତୀୟ ମାମଲାକୁ ବିଚାର କରିବେ ନାହିଁ। କେନ୍ଦ୍ର ବା ରାଜ୍ୟ ସରକାର ଚାହିଁଲେ ଗୋଟିଏ ବିଷୟର ତଦନ୍ତ ପାଇଁ ପୋଲିସ୍ ଅଧିକାରୀମାନଙ୍କୁ ନେଇ ସ୍ୱତନ୍ତ୍ର ଅନୁସନ୍ଧାନ ଦଳ ଗଠନ କରିପାରନ୍ତି। ଉଭୟ ଜାତୀୟ ଏବଂ ରାଜ୍ୟ କମିଶନ୍‌ଙ୍କ ପ୍ରତ୍ୟେକ କର୍ମଚାରୀ ଭାରତୀୟ ଦଣ୍ଡବିଧି ସଂହିତା, ୧୮୬୦ର ସଂଜ୍ଞାୟନ ଅନୁଯାୟୀ ସର୍ବସାଧାରଣ କର୍ମଚାରୀ ରୂପେ ବିବେଚିତ ହେବେ। ଏହି ଆଇନ୍ ଅଧୀନରେ ନିୟମାବଳୀ ପ୍ରଣୟନ କରିବାର କ୍ଷମତା କେବଳ କେନ୍ଦ୍ର ସରକାରଙ୍କର ହିଁ ଅଛି।

## ଓଡିଶା ମାନବାଧିକାର କମିଶନ୍

ଜାତୀୟ ମାନବାଧିକାର କମିଶନ୍ ଆଇନ୍ ଅନୁଯାୟୀ ପ୍ରତି ରାଜ୍ୟ ସରକାର ଗୋଟିଏ ମାନବାଧିକାର କମିଶନ୍ ଗଠନ କରିବେ। ଗୋଟିଏ ହାଇକୋର୍ଟର ମୁଖ୍ୟ ବିଚାରପତି ପଦବୀ ତୁଲାଇ ସାରିଥିବା ଜଣେ ବ୍ୟକ୍ତି ଏହାର ଅଧ୍ୟକ୍ଷ ରହିବେ , ଏବଂ ଦୁଇଜଣ ସଭ୍ୟ ରହିବେ। ଜଣେ ସଭ୍ୟ ଅତୀତରେ ସଂପୃକ୍ତ ରାଜ୍ୟର ହାଇକୋର୍ଟର ବିଚାରପତି ଅଥବା ଅନ୍ୟୂନ ୭ବର୍ଷ ଧରି ଜିଲ୍ଲା ଜଜ୍ ପଦବୀ ତୁଲାଇଥିବେ। ଅନ୍ୟଜଣେ ସଭ୍ୟ ମାନବାଧିକାର ବ୍ୟାପାରରେ ଜଣେ ଅଭିଜ୍ଞ ବ୍ୟକ୍ତି ହୋଇଥିବା ଆବଶ୍ୟକ। ଏହାର ଜଣେ ସଚ୍ଚିବ ରହିବେ, ଯେ କି ରାଜ୍ୟ କମିଶନ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୂପେ ବିବେଚିତ ହେବେ ଏବଂ ସେହିସବୁ ଦାୟିତ୍ୱ ସମ୍ପାଦନ କରିବେ, ଯାହାକି ତାଙ୍କ ଉପରେ ନ୍ୟସ୍ତ କରାଯାଇପାରେ। ରାଜ୍ୟର ମୁଖ୍ୟମନ୍ତ୍ରୀ, ଗୃହମନ୍ତ୍ରୀ, ବିଧାନସଭାର ବାଚସ୍ପତି ଓ ବିରୋଧୀ ଦଳ ନେତାଙ୍କୁ ନେଇ ଗଠିତ ଏକ ଚୟନ କମିଟି ଦ୍ୱାରା ରାଜ୍ୟ କମିଶନ୍‌ର ଅଧ୍ୟକ୍ଷ ଏବଂ ସଦସ୍ୟଗଣ ମନୋନୀତ ହେବେ। ସମ୍ବିଧାନର ଅନୁସୂଚୀ-୭ ଅଧୀନରେ ରାଜ୍ୟ ତାଲିକା ଓ ଯୁଗ୍ମ ତାଲିକା ଅଧୀନରେ ଥିବା ବିଷୟ ଗୁଡିକ ରାଜ୍ୟ କମିଶନ୍‌ଙ୍କ ବିଚାରର ପରିସରଭୁକ୍ତ ରହିବ। କିନ୍ତୁ ଯଦି ଜାତୀୟ କମିଶନ୍ କିମ୍ବା ବିଧିମତେ ପ୍ରତିଷ୍ଠିତଅନ୍ୟ କୌଣସି କମିଶନ୍ ଏକ ମାମଲାକୁ ବିଚାର କରୁଥିବେ ରାଜ୍ୟ କମିଶନ୍ ତାହା ବିଚାର କରିବ ନାହିଁ। ଓଡିଶାରେ ବର୍ତ୍ତମାନ ଓଡିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଶ୍ରୀ ଡି.ପି.ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ତିନିଜଣିଆ ରାଜ୍ୟ ମାନବାଧିକାର କମିଶନ୍ କାର୍ଯ୍ୟ କରୁଛି । କମିଶନ୍‌ଙ୍କ କାର୍ଯ୍ୟାଳୟ ଓଡିଶା ଷ୍ଟେଟ୍ ଗେଷ୍ଟ ହାଉସ୍, ଭୁବନେଶ୍ୱରରେ କାର୍ଯ୍ୟ କରୁଛି।